# NATIONAL NEWS BULLETIN (ODIA)
## 22 June - 2024
## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଦେଶରେ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କପି ରୋକିବା ସମ୍ବନ୍ଧୀୟ ଆଇନ୍ ଆଜିଠାରୁ ଲାଗୁ ।

- ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଜାମିନ୍ ଉପରେ ରୋକ୍ ଲଗାଇଲେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ।

- ଭାରତୀୟ ବୃତ୍ତଚିତ୍ର 'ଦ ଗୋଲ୍‌ଡେନ୍ ଥ୍ରେଡ୍'କୁ ମିଳିଲା ସମ୍ମାନଜନକ ଗୋଲ୍‌ଡେନ୍ କୋଟ୍ ପୁରସ୍କାର ।

- ଶ୍ରୀକ୍ଷେତ୍ର ପୁରୀରେ ଆଜି ଅନୁଷ୍ଠିତ ହେଉଛି ଦେବସ୍ନାନ ପୂର୍ଣ୍ଣିମା ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଆଜି ମୁହାଁମୁହିଁ ହେବେ ଭାରତ ଓ ବାଂଲାଦେଶ ।

## ପରୀକ୍ଷା କପି-ଆଇନ୍

ଦେଶରେ ଆଜିଠାରୁ ପରୀକ୍ଷାରେ କପି ରୋକିବା ସମ୍ବନ୍ଧୀୟ ଆଇନ୍ ଲାଗୁ ହେଉଛି । ଏହାଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କପି ଏବଂ ଅନିୟମିତତା ରୋକିବା ବ୍ୟବସ୍ଥା ରହିଛି । ଏହି ଆଇନ୍‌ରେ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି । ଦ ପବ୍ଲିକ୍ ଏକ୍ସାମିନେସନ୍ ବିଲ୍ ୨୦୨୪ ଗତ ଫେବୃୟାରୀ ୮ରେ ଲୋକସଭାରେ ଏବଂ ୯ ତାରିଖରେ ରାଜ୍ୟସଭାରେ ଗୃହିତ ହୋଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃୟାରୀ ୧୨ରେ ଏହାକୁ ସ୍ୱୀକୃତି ଦେଇଥିଲେ । ଏହି ଆଇନ୍ ଅନୁଯାୟୀ କେନ୍ଦ୍ରୀୟ ଲୋକ ସେବା ଆୟୋଗ, କର୍ମଚାରୀ ପ୍ରବରଣ ଆୟୋଗ, ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ., ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ୍ ଏବଂ ବ୍ୟାଙ୍କ୍ ଚାକିରି ପାଇଁ ପ୍ରତିଯୋଗିତା ପରୀକ୍ଷାରେ ଅନିୟମିତତା ରୋକିବା ପାଇଁ ବ୍ୟବସ୍ଥା ରହିଛି । ଏଥିପାଇଁ ସର୍ବନିମ୍ନ ୫ ବର୍ଷ ଜେଲଦଣ୍ଡାଦେଶ ବ୍ୟବସ୍ଥା ରହିଛି ।

## ହାଇକୋର୍ଟ-କେଜରିୱାଲ

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କ ଜାମିନ୍ ଉପରେ ରୋକ୍ ଲଗାଇଛନ୍ତି । ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ୍ ପୂର୍ବରୁ କେଜରିୱାଲଙ୍କୁ ଜାମିନ୍ ପ୍ରଦାନ କରିଥିଲେ ମଧ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଆବେଦନ ପରେ ହାଇକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । ନ୍ୟାୟାଳୟଙ୍କର ନିଷ୍ପତ୍ତି ଅନୁଯାୟୀ ଏହି ମାମଲାରେ ଅନ୍ତିମ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଜାମିନ କାର୍ଯ୍ୟକାରୀ ହେବ ନାହିଁ । ଆସନ୍ତା ସୋମବାର ସୁଦ୍ଧା ଘଟଣା ସମ୍ପର୍କରେ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଇ.ଡି. ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ କେଜରିୱାଲଙ୍କୁ ଜାମିନ ପ୍ରଦାନ କ୍ଷେତ୍ରରେ ଇ.ଡି.ର ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି । ଦିଲ୍ଲୀ ହାଇକୋର୍ଟ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏ ସମ୍ପର୍କରେ ନିଜର ପୂର୍ଣ୍ଣାଙ୍ଗ ନିଷ୍ପତ୍ତି ପ୍ରଦାନ କରିବେ ।

## ଏନ୍‌ଆଇଏ

ମାନବ ଚାଲାଣ ସହ ଜଡ଼ିତ ଥିବା ୫ ଜଣ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ଚାର୍ଜସିଟ୍ ଦାଖଲ କରିଛି । ଅଭିଯୁକ୍ତ ୫ ଜଣଙ୍କ ମଧ୍ୟରେ ୨ ଜଣ ବିଦେଶୀ ନାଗରୀକ ଅଛନ୍ତି । ଏନ୍.ଆଇ.ଏ.ର ମୁମ୍ବାଇ ସ୍ୱତନ୍ତ୍ର କୋର୍ଟ୍‌ରେ ମାନବ ଚାଲାଣ ମାମଲାରେ

ବହୁ ବିଦେଶୀ ନାଗରୀକ ସମ୍ପୃକ୍ତ ଥିବା ତଥ୍ୟ ପ୍ରଦାନ କରାଯାଇଛି । ଏହି ମାମଲାରେ ଯାଞ୍ଚ୍ ଏଜେନ୍ସି ଏନ୍.ଆଇ.ଏ. ତଦନ୍ତ ଜାରି ରଖିଛି । ଏନ୍.ଆଇ.ଏ. ପକ୍ଷରୁ କୁହାଯାଇଛି, ବିଦେଶୀ ନାଗରିକଙ୍କ ପକ୍ଷରୁ ଇଂରାଜୀ କହିପାରୁଥିବା ଏବଂ ଉତ୍ତମ କମ୍ପ୍ୟୁଟର ଜ୍ଞାନ ଥିବା ଭାରତର ଯୁବକମାନଙ୍କୁ ମୋଟା ଅଙ୍କର ଅର୍ଥ ଲୋଭରେ କଲ୍ ସେଣ୍ଟର ଗୁଡ଼ିକରେ ନିଯୁକ୍ତି ଦେଉଥିଲେ । ସେମାନଙ୍କୁ ଭାରତରୁ ଥାଇଲାଣ୍ଡ ଦେଇ ବାହାର ଦେଶକୁ ଚାଲାଣ କରାଯାଉଥିଲା । ପରେ ଫେସ୍‌ବୁକ୍ ଓ ଟେଲିଗ୍ରାମର ବ୍ୟବହାର ଏବଂ ଅନ୍ୟାନ୍ୟ ଆପ୍ ଜରିଆରେ ଠକେଇ କରିବା ଲାଗି ନିୟୋଜିତ କରାଯାଉଥିଲା । ତଦନ୍ତକାରୀ ସଂସ୍ଥା କହିଛି, ୫ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଫେରାର୍ ଅଛନ୍ତି ।

## ପ୍ରୋଟେମ ସ୍ପିକର

ଲୋକସଭାର କାମଚଳା ବାଚସ୍ପତି ଭାବେ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଚୟନ କରିବା ନେଇ କଂଗ୍ରେସର ଅଭିଯୋଗ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି, କଂଗ୍ରେସ କାମଚଳା ବାଚସ୍ପତି ନିଯୁକ୍ତିକୁ ବିବାଦ ଘେରକୁ ଆଣିବାକୁ ଚାହୁଁଛି ସେ କହିଛନ୍ତି, ଏହି ପଦ ଅସ୍ଥାୟୀ ଅଟେ ଏବଂ ନୂଆ ବାଚସ୍ପତି ନିର୍ବାଚନ

ହେବା ପର୍ଯ୍ୟନ୍ତ କାମଚଳା ବାଚସ୍ପତି କାର୍ଯ୍ୟ କରିବେ । ଶ୍ରୀ ରିଜିଜୁ କହିଛନ୍ତି, ଶ୍ରୀ ମହତାବ ଲୋକସଭାକୁ ଲଗାତାର ୭ ଥର ନିର୍ବାଚିତ ହୋଇଛନ୍ତି ଏବଂ ସର୍ବାଧିକ ସମୟ ଲୋକସଭାର ସଦସ୍ୟ ରହିଛନ୍ତି । କଂଗ୍ରେସ ପକ୍ଷରୁ କାମଚଳା ବାଚସ୍ପତି ପାଇଁ ଲୋକସଭାକୁ ୮ଥର ନିର୍ବାଚିତ ହୋଇଥିବା ସୁରେଶ କୋଡିକୁନିଲଙ୍କ ନାମ ସୁପାରିଶ କରିଥିଲେ ମଧ୍ୟ ୧୯୯୮ ଏବଂ ୨୦୦୪ରେ ସେ ନିର୍ବାଚନରେ ପରାସ୍ତ ହୋଇଥିଲେ । ସରକାର କାମଚଳା ବାଚସ୍ପତି ଚୟନ କ୍ଷେତ୍ରରେ ନିୟମ ଅନୁପାଳନ କରିଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ଫିଲ୍ମ ମହୋତ୍ସବ

ଭାରତୀୟ ବୃତ୍ତଚିତ୍ର 'ଦ ଗୋଲ୍ଡେନ୍ ଥ୍ରେଡ୍'କୁ ଅଷ୍ଟାଦଶ ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଗୋଲ୍ଡେନ୍ କୋଚ୍ ପୁରସ୍କାର ମିଳିଛି । ଏହି ବୃତ୍ତଚିତ୍ରକୁ ଆନ୍ତର୍ଜାତିକ ସ୍ତରରେ ସର୍ବଶ୍ରେଷ୍ଠ ବୃତ୍ତଚିତ୍ର ଭାବେ ସମ୍ମାନିତ କରାଯାଇଛି । ମୁମ୍ବାଇରେ ଆୟୋଜିତ ଏକ ସମାରୋହରେ ଅଭିନେତ୍ରୀ ପୂନ୍ନମ ଧୀଲନ୍, ଏହି ବୃତ୍ତଚିତ୍ରର ନିର୍ଦ୍ଦେଶକ ନିଶିତା ଜୈନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମହୋତ୍ସବର ନିର୍ଦ୍ଦେଶକ ପୃଥୁଲ କୁମାର କହିଛନ୍ତି, ଅଷ୍ଟାଦଶ ମୁମ୍ବାଇ

ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବରେ ବ୍ୟାପକ ସଂଖ୍ୟାରେ ଚଳଚ୍ଚିତ୍ର ଜଗତର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଚଳଚ୍ଚିତ୍ର ପଞ୍ଜିକୃତ ହୋଇଥିଲା ।

ଏହାଛଡ଼ା ସ୍ୱତନ୍ତ୍ର ଶ୍ରେଣୀରେ 'ଇଣ୍ଡିଆ ଇନ୍ ଅମୃତ କାଳ'ରେ 'ଲାଇଫ୍ ଇନ୍ ଲୁମ୍'ଙ୍କୁ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ନିର୍ଦ୍ଦେଶକ ଏଡ୍‌ମଣ୍ଡ ରେନ୍‌ସନ୍‌ଙ୍କୁ ପୁରସ୍କୃତ କରାଯାଇଛି ।

## ସିଏସ୍‌ଆଇଆର୍

ସି.ଏସ୍.ଆଇ.ଆର୍. – ୟୁ.ଜି.ସି. ମିଳିତ ନେଟ୍ ପରୀକ୍ଷାକୁ ଅନିବାର୍ଯ୍ୟ କାରଣ ବଶତ ବାତିଲ କରାଯାଇଛି । ଚଳିତ ମାସ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପରୀକ୍ଷାକୁ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ବାତିଲ କରିଛି । ଏକ ସର୍ବସାଧାରଣ ବିଜ୍ଞପ୍ତି ଅନୁଯାୟୀ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଆନୁସଙ୍ଗୀକ କାଗଜପତ୍ର ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ପରୀକ୍ଷା ବାତିଲ କରାଯାଇଥିବା କୁହାଯାଇଛି । ଏନ୍.ଟି.ଏ. ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପରୀକ୍ଷା ପାଇଁ ପରବର୍ତ୍ତୀ ତାରିଖ ଜଣାଇ ଦିଆଯିବ । ତେବେ ଏ ସମ୍ବନ୍ଧୀୟ ସୂଚନା ଲାଗି ଏନ୍.ଟି.ଏ. ପକ୍ଷରୁ ଏକ ହେଲ୍ପ ଡେସ୍କ ଆରମ୍ଭ କରାଯାଇଛି । ହେଲ୍ପ ଡେସ୍କ ନମ୍ବର ହେଉଛି – 011-4075-9000 ଏବଂ ଅନ୍ୟ ନମ୍ବରଟି ହେଉଛି 011-6922-7700 ।

# ମଣିପୁର-ସିଏମ୍

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂହ କହିଛନ୍ତି, ଦେଶର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରେ ମ୍ୟାଁମାର୍‌ରୁ ଲୋକମାନେ ବେନିୟମ ଉପାୟରେ ପ୍ରବେଶ କରୁଥିବାରୁ ନିଶାଦ୍ରବ୍ୟ ଏବଂ ମାନବ ଚାଲାଣ ସମସ୍ୟା ବୃଦ୍ଧି ପାଇଛି । ଏହା ଏବେ ଚିନ୍ତାର କାରଣ ପାଲଟିଥିବା ଭାରତ ଜାତିସଂଘ ମାନବାଧିକାର ପରିଷଦ ବୈଠକରେ ପ୍ରକାଶ କରିଛି । ଶ୍ରୀ ବୀରେନ୍ ସିଂହ ଏମ୍ଫାଲ୍‌ରେ ଆୟୋଜିତ ଆନ୍ତର୍ଜାତିକ ଯୋଗଦିବସରେ ସାମିଲ ହେବା ଅବସରରେ କହିଛନ୍ତି, କେନ୍ଦ୍ର ସରକାର ମଣିପୁରରେ ଦେଖାଦେଇଥିବା ସମସ୍ୟାକୁ ଗମ୍ଭୀରତାର ସହ ବିଚାର କରୁଛନ୍ତି ଏବଂ ଏହାର ଖୁବ୍ ଶୀଘ୍ର ସମାଧାନ ନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି । କିଛି ଦିନ ପୂର୍ବେ କେନ୍ଦ୍ର ଗୃହ ମନ୍ତ୍ରୀ ମଣିପୁରରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ । ନୂଆ ସରକାରର ପ୍ରଥମ ୧୦୦ ଦିନରେ ମଣିପୁର ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରାଯିବ ବୋଲି ସେ କହିଛନ୍ତି ।

# ଦେବସ୍ନାନ

ଶ୍ରୀକ୍ଷେତ୍ର ପୁରୀରେ ଆଜି ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେଉଛି । ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ ବେଦୀକୁ ବିଜେ କରୁଛନ୍ତି ।

ମଙ୍ଗଳାର୍ପଣ ନୀତି ପରେ ପ୍ରଥମେ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ବିଜେ ନୀତି ଚାଲିଛି । ଅପରାହ୍ଣ ୧୨ଟା ୨୦ରୁ ୧୨ଟା ୪୫ ମିନିଟ୍ ମଧ୍ୟରେ ଜଳବିଜେ ଏବଂ ସ୍ନାନ ନୀତି ଅନୁଷ୍ଠିତ ହେବ । ୧୦୮ ଗଡ୍ଡୁ ସୁବାସିତ ଜଳରେ ସ୍ନାନ ବେଦୀ ଉପରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିବେ । ଅପରାହ୍ଣ ୩ଟାରେ ଛେରାପହଁରା ଏବଂ ପରେ ଶ୍ରୀଜୀଉଙ୍କର ଗଜବେଶ ଅନୁଷ୍ଠିତ ହେବ । ଏଥିପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।

## କୋଲ୍ – ବ୍ଲକ୍ ଅକ୍ସନ୍

ହାଇଦ୍ରାବାଦରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କୋଇଲା ଖଣିଗୁଡ଼ିକର ଦଶମ ପର୍ଯ୍ୟାୟ ନିଲାମ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଦେଶରେ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ସହ ଘରୋଇ କୋଇଲା ଉତ୍ପାଦନ ବୃଦ୍ଧି କରିବାକୁ ୬୭ଟି କୋଇଲା ଖଣି ବନ୍ଦ କରାଯିବା ନେଇ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । ପ୍ରଥମ ଥରପାଇଁ ଦିଲ୍ଲୀ ବାହାରେ ଏହି ନିଲାମୀ ପ୍ରକ୍ରିୟା କରାଯାଇଥିବା ଜଣାଯାଇଛି । କୋଇଲା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବିକ୍ରି ହେବାକୁ ଥିବା ବ୍ଲକଗୁଡ଼ିକ ମଧ୍ୟରେ ଉଭୟ ଇନ୍ଧନ ଓ ଅଣଇନ୍ଧନ କୋଇଲା ଖଣି ଅନ୍ତର୍ଭୁକ୍ତ। ଏହି ଅବସରରେ ଶ୍ରୀ ରେଡ୍ଡୀ କହିଛନ୍ତି, ସରକାର କୋଇଲା ବ୍ଲକ୍ ନିଲାମ ନୀତିରେ ସ୍ୱଚ୍ଛତା ଆଣିବାପାଇଁ ପ୍ରତିଶ୍ରୁତିବଦ୍ଧ । କୋଇଲା ବ୍ଲକ୍ ନିଲାମ ପ୍ରକ୍ରିୟାଦ୍ୱାରା ଦେଶ

୫ ଲକ୍ଷ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି ।

# କ୍ରିକେଟ୍

ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଆଜି ଭାରତୀୟ ସମୟ ରାତି ୮ଟାରେ ଆଣ୍ଟିଗୋଆ ସ୍ଥିତ ସାର୍ ଭିଭିଆନ୍ ରିଚାର୍ଡ ଷ୍ଟାଡିୟମ୍‌ରେ ଭାରତ-ବାଂଲାଦେଶ ମଧ୍ୟରେ ସୁପର୍ ଏଇଟ୍ ପର୍ଯ୍ୟାୟରେ ମୁକାବିଲା ହେବ । ଗତ ମ୍ୟାଚ୍‌ରେ ଭାରତ' ଆଫ୍‌ଗାନିସ୍ତାନକୁ ୪୭ରନ୍‌ରେ ପରାସ୍ତ କରିଥିଲା । ବାଂଲାଦେଶ ତାର ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଠାରୁ ଡି.ଏଲ୍.ଏସ୍. ନିୟମରେ ୨୮ରନ୍‌ରେ ପରାସ୍ତ ହୋଇଥିଲା । ଆଜି ସକାଳୁ ବ୍ରିଜ୍‌ଟାଉନ୍‌ରେ ୱେଷ୍ଟଇଣ୍ଡିଜ୍ ଏବଂ ଆମେରିକା ମଧ୍ୟରେ ମ୍ୟାଚ୍ ଚାଲିଛି । ପ୍ରଥମେ ୱେଷ୍ଟଇଣ୍ଡିଜ୍ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି । ବର୍ତ୍ତମାନ ସୁଦ୍ଧା ଆମେରିକା ୧୭ ଓଭରରେ ୬ଟି ୱିକେଟ୍ ହରାଇ ୧୦୮ ରନ୍ ସଂଗ୍ରହ କରିଛି ।

ଗତକାଲି ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ୭ରନ୍‌ରେ ପରାସ୍ତ କରିଛି । ୧୬୪ରନ୍‌ର ପିଛା କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ରନ୍‌ରେ ୬ ୱିକେଟ୍ ବିନିମୟରେ ୧୫୬ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମେ ବ୍ୟାଟିଂ

କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ଓଭରରେ ୬ ୱିକେଟ୍ ହରାଇ ୧୬୩ରନ୍ କରିଥିଲା ।